## ସଂକ୍ଷେପରେ

### ତେଜରାତି ଦୋକାନରେ ଅଗ୍ନିକାଣ୍ଡ, ଦମ୍ପତି ଗୁରୁତର

ଦିଗପହଣ୍ଡି,୧୯।୯(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି କଲେଜ ଛକ ନିକଟରେ ଥିବା ଏକ ତେଜରାତି ଦୋକାନରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନୀ ମାଲିକ ସହ ତାଙ୍କ ସ୍ତ୍ରୀ ମଧ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନିଳାଂଚଳ ଗୌଡଓ ତାଙ୍କ ସ୍ତ୍ରୀ ପ୍ରତିମା ଗୌଡ। ଉଭୟଙ୍କୁ ବ୍ରହ୍ମପରୁ ପରେ ବିଶାଖାପଟଣା ସ୍ଥାନାନ୍ତର କରାଯାଇଛି। ସାନଖେମୁଣ୍ଡି ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର ଭୋଇଙ୍କ କହିବା ପ୍ରକାରେ, ନିଳାଞ୍ଚଳ ଗୌଡ ତାଙ୍କ ଦୋକାନରେ ରାଶନ ସାମଗ୍ରୀ ସହିତ ପେଟ୍ରୋଲ୍ ମଧ ବିକ୍ରି କରୁଥିଲେ। ସକାଳେ ଦୋକାନ ଖୋଲି ପୂଜା ପାଇଁ ଧୂପକାଠି ଲଗାଉଥିବା ସମୟରେ ପେଟ୍ରୋଲ୍‌ରେ ଅଗ୍ନି ସଂଯୋଗ ହୋଇ ଦୋକାନଟି ଜଳିଯାଇଥିଲା। ନିଆଁକୁ ଆୟତ କରିବାକୁ ଯାଇ ଉଭୟେ ସ୍ୱାମୀ ସ୍ତ୍ରୀ ଅଗ୍ନିକାଣ୍ଡରେ ଦଗ୍ଧ ହୋଇଥିଲେ। ସୂଚନା ପାଇ ଦମକଳ ବାହିନୀ ପହଞ୍ଚିଲା ବେଳକୁ ଗାଁ ଲୋକମାନେ ନିଆଁକୁ ଆୟତ କରିଥିଲେ। ତଦନ୍ତ ବେଳେ ଦୋକନାରୁ ଅନେକ ମଦ ବୋତଲ ମଧ ମହଜୁଦ୍ ଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

### ୨ ରୌପ୍ୟ, ଗୋଟିଏ କାଂସ୍ୟ ପାଇଲେ ଏସ୍ଆଇ

ପାରଳାଖେମୁଣ୍ଡି,୧୯।୯ (ଡି.ଏନ୍.ଏ.): ମଧ ପ୍ରଦେଶର ଇନ୍ଦୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ୭ମ ଏସ୍‌ବିକେଏଫ୍ ଗେମ୍ସ-୨୦୨୨ରେ ଭାଗନେଇଥିବା କ୍ରୀଡ଼ାବିତ୍ତ ତଥା ଗଜପତି ଜିଲା ଅବକାରୀ ବିଭାଗର କାର୍ଯ୍ୟରତ ଏସ୍ଆଇ କିଶୋର ଚନ୍ଦ୍ର ରଥ କୃତୀତ୍ୱ ହାସଲ କରିଛନ୍ତି । ସେ ମୋଟ ୩ ବିଭାଗର ପ୍ରତିଯୋଗିତାରେ ଭାଗ ନେଇ ୨ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ପାଇଛନ୍ତି। ଏହି ଜାତୀୟସ୍ତର ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷର ୫୦ରୁ୬୦ବର୍ଷ ବୟସ୍କର କ୍ରୀଡାବିତ୍ତମାନେ ଭାଗ ନେଇଥିଲେ । ଗଜପତିର କିଶୋର ୧୦୦ମିଟର ଦୌଡ ପ୍ରତିଯୋଗିତା ଏବଂ ଟ୍ରିପଲ ଜମ୍ପ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଦଖଲ କରି ରୌପ୍ୟ ପଦକ ପାଇଥିବା ବେଳେ ଲଙ୍ଗଜମ୍ପରେ ତୃତୀୟ ସ୍ଥାନ ଦଖଲ କରି କାଂସ୍ୟ ପଦକ ପାଇଛନ୍ତି ।

### ମସ୍ତିଷ୍କ ପକ୍ଷାଘାତ ପିଲାଙ୍କ ଭୌତିକ ଚିକିତ୍ସା ସଚେତନତା ଶିବିର

ଧରାକୋଟ,୧୯।୯(ଡି.ଏନ୍.ଏ.): ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମଗ୍ର ଶିକ୍ଷା ଅଭିଯାନ ଗଞ୍ଜାମ ଆନୁକୁଲ୍ୟରେ ଚଳନ ବାଧୀତ ଓ ମସ୍ତିଷ୍କ ପକ୍ଷାଘାତ ପିଲାଙ୍କ ନିମନ୍ତେ ଭୌତିକ ଚିକିତ୍ସା ଏବଂ ଶ୍ରାବଣ କଥନ ସମସ୍ୟା ପିଲାଙ୍କ ନିମନ୍ତେ ବାକ ଶକ୍ତି ଚିକିତ୍ସା ଶିବିର ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏବିଇଓ ପ୍ରଦୀପ କୁମାର ହୋତା ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିବା ବେଳେ ଏବିଇଓ ଉମା ଚରଣ ପାଣିଗ୍ରାହୀ ଓ ବୁଚି ରାଓ ଦୋରା ଏଥିରେ ସହଯୋଗ ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୀତାକାନ୍ତ ପଣ୍ଡା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୨୦ ଜଣ ଚଳନ ବାଧିତ ପିଲା ସହ ଅଭିଭାବକ, ୨୦ ଜଣ କଥନ ବାଧିତ ପିଲା ସହ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଭୌତିକ ଚିକିତ୍ସା ଓ ଶ୍ରାବଣ କଥନ ସମସ୍ୟା ନିମନ୍ତେ ବିଭିନ୍ନ ଉପକରଣକୁ ଦର୍ଶାଇ ସୋରଡ଼ା ସମ୍ବଳ ଶିକ୍ଷକ ଜଗନ୍ନାଥ ବେହେରା, ପୂର୍ଣ୍ଣ ଚନ୍ଦ୍ର ବେହେରା, ଲୋହିତ ବେହେରା, ଚିନ୍ମୟୀ ପ୍ରଧାନ, ଶୁଭଶ୍ରୀ ଦାସ, ଶ୍ରବଣ ସ୍ପେଶାଲିଷ୍ଟ ଶେରଗଡ଼ର ସନ୍ତୋଷ ବେହେରା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

### ବଲସକୁମ୍ପାରେ ରାଜସ୍ୱ ଅଦାଲତ ଶିବିର

ବଲସକୁମ୍ପା,୧୯।୯: ଖଜୁରିପଡ଼ା ତହସିଲ ଅନ୍ତର୍ଭୁକ୍ତ ବଲସକୁମ୍ପା ରାଜସ୍ୱ କୋର୍ଟ କାର୍ଯ୍ୟାଳୟ ମା’ ବରାଳ ଦେବୀ କଲ୍ୟାଣ ମଣ୍ଡପଠାରେ ସୋମବାର ତହସିଲଦାର ସ୍ୱପ୍ନିତା ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରଥମ ରାଜସ୍ୱ ଅଦାଲତ ଖଜୁରିପଡ଼ାଠାରେ ହୋଇଥିବା ବେଳେ ଦ୍ୱିତୀୟ ରାଜସ୍ୱ ଅଦାଲତ ବଲସକୁମ୍ପାଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜସ୍ୱ ବିଭାଗ ସମ୍ପର୍କିତ ୪୬ ଅଭିଯୋଗ ହୋଇଛି। ଆବାସ ଯୋଜନାରେ ସାମିଲ ପାଇଁ ମଧ ଅଭିଯୋଗ ଆସିଥିବା ବେଳେ ତାହା ବ୍ଲକ କାର୍ଯ୍ୟାଳୟରେ ଦାଖଲ ହେବ ବୋଲି ତହସିଲଦାର କହିଛନ୍ତି। ଖଜୁରିପଡା ତହସିଲ ଅଧୀନ ବଲସକୁମ୍ପା ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ବଲସକୁମ୍ପା, ଆଡାସିପଡ଼ା, ଚିଟ୍ରାପଙ୍ଗା ପଞ୍ଚାୟତର ରାଜସ୍ୱ ସମସ୍ୟା ସମାଧାନ ହେବ ବୋଲି ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ୩ ଗ୍ରାମପଞ୍ଚାୟତ ତଥା ରାଜସ୍ୱ ସର୍କଲ ପାଇଁ ହୋଇଥିବା ପ୍ରଜା କୋର୍ଟରେ ବିଭାଗୀୟ ଅଧିକାରୀ ତହସିଲଦାର ଜନଶୁଣାଣି କରିଥିଲେ। ରାଜସ୍ୱ ସୁପରଭାଇଜର ଶୁଭଶ୍ରୀ ସାହୁ, ରାଜସ୍ୱ ନିରୀକ୍ଷକ ଅଧିକାରୀ ସବିତା ନାୟକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅଧିକାରୀ ଦେବାଶିଷ ସାହୁ, ବିଭାଗୀୟ କର୍ମଚାରୀ ସୁଭମ ଚୌଧୁରୀ, ଦୀପ୍ତିମୟୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍ କାମ କରି ମିଳୁନି ଟଙ୍କା

ଫୁଲବାଣୀ ଅଫିସ, ୧୯।୯


ବିଡିଓଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀ।

କନ୍ଧମାଳ ଜିଲା ଚକାପାଦ ବ୍ଲକରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମ କରି ହିତାଧିକାରୀଙ୍କୁ ପାରିଶ୍ରମିକ ମିଳୁନାହିଁ। ଏ ନେଇ ଶ୍ରମିକମାନେ ସୋମବାର ବିଡିଓଙ୍କୁ ଭେଟି ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବାକୁ ଦାବି କରିଛନ୍ତି। ବ୍ଲକର କୁସୁମେଣ୍ଡି ପଞ୍ଚାୟତ ଅଧୀନରେ ପଣସପଦର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଲ ହୁଡା କାମ ହୋଇଥିଲା। ଗତ ମେ ମାସରେ ଗ୍ରାମର ଜନ୍ତାଲବଟ ଏବଂ ବରପଟଠାରେ ଏହିଜମି ହୁଡା କାର୍ଯ୍ୟ ଜବକାର୍ଡଧାରୀମାନେ କରିଥିଲେ । କାମ ସରିବାର ମାସେ ପରେ ବିଏଫ୍‌ଟି ଖାତ ମାପିବା ପାଇଁ ଆସିଥିଲେ। ହେଲେ ସେହି ସମୟରେ ଚାଷ କାର୍ଯ୍ୟ ଲାଗି ବିଲରେ ଧାନ ବିହନ ବୁଣା ସରିଥିଲା। ଜମି ହୁଡ଼ା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ବିଏଫ୍‌ଟି କହିଥିଲେ । ଏହାକୁ ନେଇ ବିଏଫ୍‌ଟି ଏବଂ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସବୁପରେ ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ଲାଗି ବିଏଫଟି କିଛି କାଗଜପତ୍ର କାମ କଲେ ନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ପାଇବାରୁ ପଛିଁତ ହୋଇଛୁ ବୋଲି ଗ୍ରାମର ଶିବସାନ୍ତ ମୁଖି, ସୀମାଞ୍ଚଳ ମୁଖି, ସୁବଳ ଦିଗାଲଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି। ସମସ୍ୟାର ସମାଧାନ ହେବ ବୋଲି ବିଡିଓ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ଅଫିସ,୧୯।୯

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ତଥା ଗଜପତି ଜିଲା ମୋହନା ବ୍ଲକର ତତ୍କାଳୀନ ଆଇସିଡିସି ସୁପରଭାଇଜର ସୌଭାଗ୍ୟବତୀ ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ବ୍ଲକ ଅଧୀନରେ ୪୪ ଅଙ୍ଗନୱାଡି କେନ୍ଦ୍ର ଥିଲା। ଉକ୍ତ ସମସ୍ତ କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କୁ ଅଙ୍ଗନୱାଡି କର୍ମୀମାନେ ରୋଷେଇ କରି ଖାଦ୍ୟ ବଣ୍ଟନ କରିଥାନ୍ତି। ଏଥିପାଇଁ ୨୮ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ବିଲ୍ ପାସ୍ କରିବା ପାଇଁ ସୌଭାଗ୍ୟବତୀ ୪୪ଜଣ ଅଙ୍ଗନୱାଡି କର୍ମୀଙ୍କୁ କମିଶନ ମାଗିଥିଲେ। ଏନେଇ କର୍ମୀ କବିତା ନାୟକ ୧୯ଟି କେନ୍ଦ୍ରରେ କାମ କରୁଥିବା ଅଙ୍ଗନୱାଡି କର୍ମୀଙ୍କଠାରୁ ୧ଲକ୍ଷ ୧୬ ହଜାର ୬୦୦ ଟଙ୍କା ସଂଗ୍ରହକରି ଲାଞ୍ଚ ଦେବାକୁ ସୁପରଭାଇଜର ଜେନା କହିଥିଲେ। ପରେ ସେ ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବିକ କବିତା ୨୦୧୬ ଜାନୁୟାରୀ ୫ରେ ସୌଭାଗ୍ୟବତୀଙ୍କ ଚନ୍ଦ୍ରଗିରି ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କୁ ଦାବି ମୁତାବକ ୧ଲକ୍ଷ ୧୬ ହଜାର ୬୦୦ ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିଲା। ମାମଲା ନମ୍ବର ୧/୧୬ରେ ଭିଜିଲାନ୍ସ ସୌଭାଗ୍ୟବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଇନ୍ସପେକ୍ଟର ଏସ୍.କେ. ସାମନ୍ତରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ସୋମବାର ଉକ୍ତ ମାମଲାର ବିଚାର ବେଳେ ସୌଭାଗ୍ୟବତୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ମହିଳା କମିଶନରେ ହାଜର ହେଲେ ଦୀପିକା, ଆସିଲେନି ଦିନେଶ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- ବ୍ରହ୍ମପୁର ଦୀପିକା-ଦିନେଶ ବିବାଦ ମାମଲା
- ବାହାରି ପାରିଲାନି ସମାଧାନର ବାଟ
- ଅକ୍ଟୋବର ୧୪ରେ ହାଜର ହେବାକୁ ନୋଟିସ

ବ୍ରହ୍ମପୁର ବଡ଼ବଜାର ଦେଶୀ ବେହେରାସାହିର ଦୀପିକା-ଦୀନେଶ ବିବାଦ ମାମଲାରେ ଏଯାଏ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ସ୍ତ୍ରୀର ମାନ୍ୟତା ଦାବିରେ ଖରା, ବର୍ଷା, ଶୀତକୁ ଖାତିର ନ କରି ଦୀର୍ଘ ୪୮ଦିନ ଧରି ଶ୍ୱଶୁରଘର ଆଗରେ ଧାରଣାରେ ବସି ରହିଛନ୍ତି କେ. ଦୀପିକା। ବିବାଦର ଆପୋଷ ସମାଧାନ ପାଇଁ ମହିଳା କମିଶନରେ ହାଜର ହେବାକୁ ଦୀପିକା ଓ କେ. ଦୀନେଶଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନୋଟିସ ପାଇ ଦୀପିକା ପରିବାରବର୍ଗ ଓ ସ୍ୱେଚ୍ଛାସେବୀ ପ୍ରମିଳା ତ୍ରିପାଠୀଙ୍କ ସହ ମହିଳା କମିଶନଙ୍କ ନିକଟରେ ହାଜର ହୋଇଥିଲେ ମଧ ଦୀନେଶ ଆସି ନ ଥିଲେ। ଫଳରେ ଏହି ବିବାଦର ସମାଧାନ ନେଇ କୌଣସି ଅଗ୍ରଗତି ହୋଇପାରି ନାହିଁ। ମହିଳା କମିଶନ ସଦସ୍ୟା ଆରତି ସିଂହ କହିଛନ୍ତି, ସୋମବାର ଦୀପିକା ଓ ଦୀନେଶଙ୍କ ତାରିଖ ରହିଥିଲା। ଦୀପିକା ମହିଳା କମିଶନଙ୍କ ନିକଟରେ ହାଜର ହୋଇଥିଲେ। ହେଲେ ଦୀନେଶ ଆସି ନ ଥିବାରୁ ଥାନା ମାଧ୍ୟମରେ ତାଙ୍କୁ ପୁଣି ଥରେ ନୋଟିସ କରାଯାଇଛି। ଉଭୟ ପକ୍ଷ ଆସିଲେ ସମସ୍ୟାର ସମାଧାନ ହୋଇପାରିବ। ଅକ୍ଟୋବର ୧୪ରେ ହାଜର ହେବାକୁ କୁହାଯାଇଛି। ସେହିପରି ଘଟଣା ସମ୍ପର୍କରେ ଗଞ୍ଜାମ ଏସ୍‌ପିଙ୍କୁ ରିପୋର୍ଟ ମଗାଯିବା ସହ ଦୀପିକାଙ୍କୁ ସୁରକ୍ଷା ଦେବା ପାଇଁ ଜିଲା ପ୍ରୋଟେକ୍ସନ ଅଫିସରଙ୍କୁ ଚିଠି ଲେଖାଯାଇଥିବା ସେ କହିଛନ୍ତି। ଅପରପକ୍ଷରେ ଦୀପିକା କହିଛନ୍ତି, ମହିଳା କମିଶନଙ୍କୁ ସମସ୍ତ ପ୍ରମାଣ ଦିଆଯାଇଛି। ଆଶା ରହିଛି ମହିଳା କମିଶନ ନ୍ୟାୟ ଦେବେ। ଏପଟେ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ କହିଛନ୍ତି, ସେମାନେ ଚୋର ଭାବରେ ଲୁଚିଛନ୍ତି। ମହିଳା କମିଶନ ଡାକିଥିଲେ, କିନ୍ତୁ ଦୀନେଶ ଆସିଲେ ନାହିଁ । ଯେପର୍ଯ୍ୟନ୍ତ ଦୀପିକାଙ୍କୁ ନ୍ୟାୟ ମିଳିନାହିଁ ସେ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ସେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦୀପିକା-ଦୀନେଶଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ଏପରିସ୍ଥିତିରେ ଦୀନେଶ ଅନ୍ୟଜଣେ ଯୁବତୀଙ୍କୁ ବିବାହ କରୁଥିବା ଦୀପିକା ଖବର ପାଇଥିଲେ। ତେଣୁ ସ୍ତ୍ରୀର ମାନ୍ୟତା ସହ ନିଜ ୧୯ ମାସର ଛୁଆର ପରିଚୟ ଦାବିରେ ଦୀନେଶଙ୍କ ଘର ଆଗରେ ଧାରଣାରେ ବସି ରହିଛନ୍ତି ଦୀପିକା। କିଛିଦିନ ତଳେ ଦୀପିକା ନ୍ୟାୟ ପାଇଁ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

ପୁରୁଷୋତ୍ତମପୁରରେ ଖୋଲିବ ଆସିଷ୍ଟାଣ୍ଟ ସେସନ୍ସ କୋର୍ଟ

# କୋର୍ଟ ହଲ୍, ପାରିପାର୍ଶ୍ୱିକ ସ୍ଥିତିର ଅନୁଧ୍ୟାନ କଲେ ଜିଲା ଜଜ୍


ଜିଲା ଜଜ୍ ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖୁଛନ୍ତି।

ପୁରୁଷୋତ୍ତମପୁର,୧୯।୯(ଡି.ଏନ୍.ଏ.)

ପୁରୁଷୋତ୍ତମପୁରରେ ଶୀଘ୍ର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ତଥା ସିଭିଲ ଜଜ୍ ସିନିୟର ଡିଭିଜନ କୋର୍ଟ ଖୋଲିବାକୁ ଯାଉଛି। ଏ ନେଇ ସୋମବାର ଗଞ୍ଜାମ ଜିଲା ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଓ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର ପୁରୁଷୋତ୍ତମପୁର ଜେଏମ୍‌ଏଫ୍‌ସି କୋର୍ଟକୁ ଆସି ଉପର ମହଲାରେ ନିର୍ମିତ ହୋଇରହିଥିବା କୋର୍ଟ ହଲ, ଅଫିସ, ରେକର୍ଡ ରୁମ୍ ଆଦି ସହ ପାରିପାର୍ଶ୍ୱିକ ସ୍ଥିତିର ଅନୁଧ୍ୟାନକରି ପ୍ରଥମଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶିନୀ ପତି, ଓକିଲମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଓକିଲ ସଂଘ ଉପସଭାପତି ଅକ୍ଷୟ କୁମାର ବେହେରା, ବରିଷ୍ଠ ଓକିଲ ଗୌରୀଶଙ୍କର ରାଉଳ, ପ୍ରଭାତ କୁମାର ପଟ୍ଟନାୟକ, ସୀମାଞ୍ଚଳ ମିଶ୍ର, କେଦାରନାଥ ପଟ୍ଟନାୟକ, ସ୍ୱରାଜ୍ୟ ପାଣିଗ୍ରାହୀ, ଦୟାନିଧି ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପ୍ରଭାତ କୁମାର ଦାଶ ପ୍ରମୁଖଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏଠାରେ କୋର୍ଟ ପ୍ରତିଷ୍ଠା ଦାବିରେ ଓକିଲମାନେ ଦୀର୍ଘ ୬ମାସ ଧରି ଚାବି ପକାଇ ଆନ୍ଦୋଳନ କରିଥିଲେ। ଏହାକୁ ନେଇ ରାଜ୍ୟ ସରକାର ଗତ ଜୁଲାଇ ମାସ ୫ରେ ଆଇନ ବିଭାଗର ଚିଠି ନଂ ୭୫୦୮ ଓ ଗତ ୯ ତାରିଖରେ ଚିଠି ନଂ.୯୬୬୭ ପ୍ରକାରେ କୋର୍ଟ ଖୋଲିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ।

# ଫାଟକ ସୁରକ୍ଷା କର୍ମୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

ବ୍ରହ୍ମପୁର ଅଫିସ,୧୯।୯


ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା ଛାତ୍ରମାନେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଫାଟକ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାରକୁ ନେଇ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତ ଦେଖାଦେଇଛି। ସୋମବାର ଯୁକ୍ତ ୩ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରୀଛାତ୍ର ରେଜିଷ୍ଟ୍ରାର ଓ ଡେପୁଟି ରେଜିଷ୍ଟ୍ରାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବ୍ୟବହାର କରିଥିବା ଉଭୟ ସୁରକ୍ଷା କର୍ମୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଛାତ୍ରୀଛାତ୍ରମାନେ ଲିଖିତ ଅଭିଯୋଗ ଜରିଆରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି। ଅଭିଯୋଗ ପ୍ରକାରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରୀ କ୍ଲାସ୍ ସରିବା ପରେ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଅଭିଭାବକଙ୍କ ନିମନ୍ତେ ଅପେକ୍ଷା କରିଥିଲେ। ଏହି ସମୟରେ ସୁରକ୍ଷା କର୍ମୀଦ୍ୱୟ ଛାତ୍ରୀଙ୍କୁ ଫାଟକ ସମ୍ମୁଖରେ ଠିଆ ନ ହେବାକୁ ତାଗିଦ କରିଥିଲେ। ଛାତ୍ରୀମାନେ ନିଜ ଅଭିଭାବକଙ୍କୁ ଅପେକ୍ଷା କରିଥିବା କହିବା ପରେ ମଧ ସୁରକ୍ଷା କର୍ମୀ ସେମାନଙ୍କୁ ଖରାପ ବ୍ୟବହାରକରି ସେଠାରୁ ବାହାରିଯିବାକୁ କହିଥିଲେ।

ବର୍ତ୍ତମାନ ଆଡମିଶନ ଚାଲିଥିବା ବେଳେ ବହୁ ଅଭିଭାବକ ଓ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟକୁ ନିୟମିତ ଯାଆସ କରୁଛନ୍ତି। ସୁରକ୍ଷାକର୍ମୀଙ୍କ ଏପରି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଯଥାଶୀଘ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଛାତ୍ରୀଛାତ୍ରମାନେ ଧାରଣାକୁ ଓହ୍ଲାଇବେ ବୋଲି କହିଥିଲେ। କୁଳପତି ଅନୁପସ୍ଥିତ ଥିବାରୁ ଡେପୁଟି ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ପ୍ରଫେସର ତ୍ରିନାଥ ବେହେରାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ମଙ୍ଗଳବାର କୁଳପତି ଆସିଲେ ଯାହା ନିଷ୍ପତ୍ତି ହେବ ବୋଲି କହିଥିଲେ।

### ପୋଷାକ ବିତରଣ

ରମ୍ଭା,୧୯।୯:ରମ୍ଭା ବ୍ରଜମୋହନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଦାଶଙ୍କ ସଭାପତିତ୍ୱରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନବାଗତା ଅଧକ୍ଷା ମାନସୀ ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ୩ ନମ୍ବର ୱାର୍ଡ କାଉନସିଲର ଜୟନ୍ତୀ ଗୌଡ଼, ପିଙ୍କୁ ଗୌଡ଼ ପ୍ରମୁଖ ମଞ୍ଚାସୀନ ହୋଇ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ୧୩୩ ଜଣ ଛାତ୍ରୀଛାତ୍ରଙ୍କୁ ୨ହଳ ପୋଷାକ ଏକ ହଳ ଜୋତା ପ୍ରଦାନ କରିଥିଲେ। ଶିକ୍ଷକ ରଙ୍ଗନିଧି ନାୟକ, ଦିଲ୍ଲୀପ ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ସାହିବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ପାତ୍ରପୁର,୧୯।୯(ଡି.ଏନ.ଏ.)

ଓଡ଼ିଶା ସରକାର ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବାଦପୁର ଆଦର୍ଶ ବିଦ୍ୟାଳୟର ସିଲାରାଣି ନାୟକ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି । ବିଦ୍ୟାଳୟ ଅନୁଷ୍ଠିତ ପ୍ରତିଯୋଗିତା ପ୍ରଥମ ସ୍ଥାନ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଜିଲାରୁ ଜୋନାଲ ଏବଂ ଜୋନାଲରେ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ମୋଟ ୫ ଜୋନର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିବା ବେଳେ ‘ସ୍ୱଚ୍ଛତା ହିଁ ସେବା’ ବିଷୟ ଉପରେ ବକ୍ତୃତା ହୋଇଥିଲା। ଏଥିରେ ଓଏଭି ବାଦପୁରର ଛାତ୍ରୀ ସିଲାରାଣୀ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସିଲାରାଣୀ ନାୟକଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ସିଲାରାଣୀ ଏହି ସଫଳତା ପାଇବା ପରେ ଓଏଭି ବାଦପୁରର ଅଧକ୍ଷା ଶର୍ମିଳା ରାଉତ ଓ ସମସ୍ତ ଅଧପକ, ଅଧାପିକା ମାନେ ଶୁଭେଚ୍ଛା ଜଣାଇଥିଲେ।

# ବୁଗୁଡ଼ାରେ ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର

ବୁଗୁଡ଼ା,୧୯।୯(ଡି.ଏନ.ଏ.)

ବୁଗୁଡା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକ ସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବେସିକ୍ ସାଇନ୍ସ ଫର୍ ସସ୍ଟେନବୁଲ୍ ଡେଭେଲପମେଣ୍ଟ ଚ୍ୟାଲେଞ୍ଜ ଆଣ୍ଡ ପ୍ରସ୍‌ପେକ୍ଟସ୍ ଶୀର୍ଷକ ଉପରେ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିରେ ବିଚାରକ ଭାବେ ପିପୁଲ୍ଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼, ମାଣିତରା କଲେଜର ଅଧ୍ୟାପିକା ସୁଚିତ୍ରା କୁମାରୀ ପଣ୍ଡା ଓ ଅଧ୍ୟାପକ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାରେ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ରୋଶନୀ ପାତ୍ର ପ୍ରଥମ ସ୍ଥାନ ହାସଲ କରି ଆସନ୍ତା ୨୧ରେ ବ୍ରହ୍ମପୁରସ୍ଥ ମେଡିକାଲ କ୍ୟାମ୍ପସ୍ ହାଇସ୍କୁଲରେ ହେବାକୁ ଯାଉଥିବା ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଏବଂ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି କିରଣବାଳା ତ୍ରିପାଠୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲା ବେଳେ ପରିଶେଷରେ ପ୍ରତାପ କୁମାର ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌କେସିଜି ମାନସିକ ଅନଗ୍ରସର ବିଦ୍ୟାଳୟ ପ୍ରକଳ୍ପ ରଦ୍ଦ

ଆର.ଉଦୟଗିରି,୧୯।୯(ଡି.ଏନ.ଏ.)



ଏମ୍‌କେସିଜି ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟ।

ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ନେଇ ବହୁ ବାଦବିବାଦ ଭିତରେ ଛନ୍ଦି ହୋଇପଡ଼ିଛି। ଏ ନେଇ ଗତ ଅଗଷ୍ଟ ୧୮ ତାରିଖରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟକୁ ରଦ୍ଦ କରିଛନ୍ତି। ବିଦ୍ୟାଳୟରେ କମ୍ ପିଲା ଓ ଷ୍ଟାଫ୍ ରହିଥିବା କାରଣରୁ ଏହି ପ୍ରକଳ୍ପଟିକୁ ସେ ରଦ୍ଦ କରିଦେଇଛନ୍ତି। ପୂର୍ବରୁ ସ୍କୁଲରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ରହୁଥିବା ବେଳେ ଅଧିକ ରହୁଥିବା ଦର୍ଶାଇ କେନ୍ଦ୍ରୀୟ ଅନୁଦାନ ହଡ଼ପ କରିବା, ଏମ୍‌ଆର୍‌ସିପିର ପରମିଶନ ନ ଥିବା, ହଷ୍ଟେଲ ଚାଉଳ ହଡ଼ପ କରିବା, କର୍ମଚାରୀମାନଙ୍କ ଦରମା ଟଙ୍କାକୁ ହଡ଼ପ କରିବା, ବିଦ୍ୟାଳୟର ସ୍ଥାୟୀ ଜମି ପଟ୍ଟା ନ ଥିବା ଆଦି ସୂଚନା ଅଧିକାର ସୂତ୍ରରୁ ଅଭିଯୋଗ ହୋଇଥିଲା ବେଳେ ଏ ନେଇ ମଧ ହାଇକୋର୍ଟରେ କେସ୍ ହୋଇ ତଦନ୍ତ ଚାଲୁଛି। ଏହାକୁ ଭିତ୍ତିକରି ଭାରତ ସରକାରଙ୍କ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଏହି ବିଦ୍ୟାଳୟକୁ ରଦ୍ଦ କରିଛି। ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଷୟ ନେଇ ବିଦ୍ୟାଳୟର ସମ୍ପାଦକ ଦଣ୍ଡାସି ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ମନ୍ତ୍ରଣାଳୟ ଦ୍ୱାରା ଜାରି ସୂଚନା ପ୍ରକାରେ ଅନ୍‌ଲାଇନରେ ଦିଆଯାଇଥିବା ନଥିପତ୍ରରେ ପ୍ରସ୍ତାବିତ କର୍ମଚାରୀମାନଙ୍କ ତାଲିକା ଦିଆଯାଇଥିବା ବେଳେ ସେମାନଙ୍କର ପ୍ରମାଣପତ୍ର ଅପ୍‌ଲୋଡ୍ ଭୁଲ୍‌ବଶତଃ ଅସମ୍ପୂର୍ଣ୍ଣ ଥିବା କାରଣରୁ ପୁନର୍ବାର ସମସ୍ତ ଦସ୍ତାବିଜ ସହ ଆବେଦନ କରିବା ପାଇଁ ବିଭାଗୀୟ ଅଧିକାରୀ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି।

## ଜୁଆ ଖେଳରୁ ୪.୯୯ ଲକ୍ଷ ଜବତ

**ବ୍ରହ୍ମପୁର ଅଫିସ,୧୯।୯:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟରେ ଚାଲିଥିବା ଆଡ୍ଡାରୁ ପୋଲିସ ୨୧ ଜଣ ଜୁଆ ଖେଳୁଥିବା ବ୍ୟକ୍ତିଙ୍କୁ ଗିରଫ କରିଛି। ସେଠାରୁ ୪ଲକ୍ଷ ୯୯ ହଜାର ୪୨୦ ଟଙ୍କା, ୯ ଟି ବାଇକ୍ ଓ ୧୫ ମୋବାଇଲ ଫୋନ ଜବତ କରାଯାଇଛି।



## ସଂକ୍ଷେପରେ

### ମହିଳାଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ



ବ୍ରହ୍ମପୁର ଅଫିସ,୧୯।୯- ଜଣେ ମହିଳାଙ୍କୁ ବଳାତ୍କାର ସହ ପ୍ରତାରଣା କରିବା ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଶାସ୍ତ୍ରୀନଗରର କାହ୍ନା ମହାରଣା (୨୧)। ସୋମବାର ଉଭୟ ପୀଡ଼ିତା ଓ ବଳାତ୍କାରୀଙ୍କ ଡାକ୍ତରୀ ମଇନା କରାଯାଇଛି। ମାମଲା ନମ୍ବର ୨୪୧/୨୨ ରେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜଣେ ମହିଳାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେବା ପରେ ତାଙ୍କ ସ୍ୱାମୀ ତାଙ୍କୁ ପରିତ୍ୟକ୍ତ କରିଥିଲେ। ମହିଳା ଜଣଙ୍କ ତାଙ୍କ ବାପଘରେ ରହୁଥିଲେ। ୨୦୨୦ ଏପ୍ରିଲରେ କାହ୍ନା ସମ୍ପୃକ୍ତ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ସେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ତାଙ୍କୁ ବଳାତ୍କାର କରି ଆସୁଥିଲେ। ମହିଳା ଜଣଙ୍କ କାହ୍ନାଙ୍କୁ ବିବାହ କରିବାକୁ କହିଥିଲେ। ସେ ତାଙ୍କୁ ବିବାହ କରିବେ ନାହିଁ ବୋଲି ଧମକଚମକ ଦେଇଥିଲେ। ଶେଷରେ ମହିଳା ଜଣଙ୍କ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତକରି କାହ୍ନାଙ୍କୁ ଗିରଫ କରିଥିଲା ବୋଲି କହିଛି।

### ୟୁରିଆ ସାର କଳାବଜାର ଅଭିଯୋଗ
### ଡିଲରଙ୍କ ଲାଇସେନ୍ସ ରଦ୍ଦ, ୬୭୦ ପ୍ୟାକେଟ ସାର ଜବତ

ଦିଗପହଣ୍ଡି,୧୯।୯(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ କଇଁଠଖଣ୍ଡି ପଞ୍ଚାୟତ ଚକାଡେଣ୍ଡୁଲି ଗ୍ରାମର ଡିଲର ବି. ବୁଲୁ ସୁବୁଦ୍ଧି ବେଆଇନ ଭାବେ ୟୁରିଆ ସାର କଳାବଜାର କରି ଚାଷୀଙ୍କୁ ବର୍ଦ୍ଧିତ ଦରରେ ବିକ୍ରି କରୁଥିବା ଅଭିଯୋଗ ପରେ ସାର ବିକ୍ରି ପାଇଁ ତାଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଡିଲର ଜଣକ ୟୁରିଆ ସାର ପ୍ୟାକେଟର ସରକାରୀ ଦର ୨୬୬.୫୦ ପଇସା ଥିବା ବେଳେ ସେ ପ୍ୟାକେଟ ପିଛା ୫ ଶହ ଟଙ୍କାରେ ବିକ୍ରି କରୁଥିଲେ। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସୋମବାର ଦିଗପହଣ୍ଡି ତହସିଲରେ ପହଞ୍ଚି ତହସିଲଦାର ସିପକ କୁମାର ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚାଷୀମାନଙ୍କ ଅଭିଯୋଗ ପରେ ତହସିଲଦାର ଏବଂ ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ ସାର ଗୋଦାମରେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିବାରୁ ଅନିୟମିତତା ଧରାପଡ଼ିଥିଲା। ତହସିଲଦାରଙ୍କ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଚିଠି ନଂ. ୧୯୬/୨୨ରେ ଡିଲରଙ୍କ ସାର ବିକ୍ରି ଲାଇସେନ୍ସ ରଦ୍ଦ କରାଯାଇଥିବା ସୂଚନା ମିଳିଛି। ଏଥିସହ ସାର ଗୋଦାମରେ ଚାଷୀମାନଙ୍କୁ ବିକ୍ରି ନିମନ୍ତେ ଗଚ୍ଛିତ ଥିବା ୬୫୦ ପ୍ୟାକେଟ ୟୁରିଆ ଓ ୨୦ ପ୍ୟାକେଟ ଗ୍ରୋମର ଜବତ କରାଯାଇଛି।

### ସାପ କାମୁଡ଼ାରେ ଶିଶୁ ମୃତ

ରାୟଗଡ଼(ଗଜପତି), ୧୯।୯(ଡି.ଏନ୍.ଏ.): ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ରଙ୍ଗପଥର ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲା ଉକ୍ତ ଗ୍ରାମର ବିଜୟ ଶବରଙ୍କ ଝିଅ ପ୍ରତିମା (୩)। ମା' ସରିତା ଶବରଙ୍କ ସହ ମିଶି ପ୍ରତିମା ରାତିରେ ଶୋଇଥିବା ସମୟରେ ଭୋର୍ ୪ଟାରେ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାକୁ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ରାୟଗଡ଼ ପୋଲିସ ନଂ. ୯/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଏମ୍‌କେସିଜି ସୁପରସ୍ପେସାଲିଟି ବ୍ଲକରୁ ପୁଣି ଖସିଲା ସିଲିଂ

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ସୁପରସ୍ପେସାଲିଟି ବିଭାଗରୁ ସୋମବାର ପୁଣି ଥରେ ସିଲିଂ ଖସିଛି। ବର୍ତ୍ତମାନ ଉକ୍ତ କୋଠା ଏବେ ଅସୁରକ୍ଷିତ ହୋଇପଡିଛି। ବାରମ୍ବାର ଏହି ବ୍ଲକରୁ ସିଲିଂ ଖସୁଥିବାରୁ ଏହା ରୋଗୀଙ୍କ ପାଇଁ ବିପଦ ସାଜିଥିବା ଅଭିଯୋଗ ଉଠିଛି। ବ୍ଲକର ଡାଏଲିସିସ୍ ୟୁନିଟ ଛାତ ହଲରୁ ସିଲିଂ ଖସିଛି। ସେପଟେ ପଞ୍ଚମ ମହଲାରୁ ମଧ୍ୟ ସିଲିଂ ଖସିଥିବା ଅଭିଯୋଗ ହୋଇଛି। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ମରାମତି ପାଇଁ ତାହା ବାହାର କରାଯାଇଥିବା ଉପଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ କହିଛନ୍ତି। ସିଲିଂ ଖସିବା ପରେ ତାହା ସଫା କରି ଦିଆଯାଇଥିବା କୁହାଯାଉଛି।

ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ ସିଲିଂ ଖସିଥିବା ନେଇ ଅଭିଯୋଗ ଆଣିଛନ୍ତି। ସୁପରସ୍ପେସାଲିଟି ବ୍ଲକରେ ବାରମ୍ବାର ସିଲିଂ ଖସୁଛି। ସିଲିଂ ଖସିବା ପରେ ତାହା ମେଡିକାଲ ତରଫରୁ ସଫା କରି ଦିଆଯାଇଥିବା ସେ କହିଛନ୍ତି। ଏମ୍‌କେସିଜି ପରିସରରେ କେନ୍ଦ୍ର ସରକାରଙ୍କ ପିଏମ୍ଏସ୍ଏସ୍‌ୱାଇରେ



ସୁପସ୍ପେସାଲିଟି ବ୍ଲକରୁ ଖସିଥିବା ସିଲିଂ ।

ସୁପରସ୍ପେସାଲିଟି ବ୍ଲକ୍ ତିଆରି କରାଯାଇଛି। କିନ୍ତୁ ଏହି କୋଠା ରୋଗୀଙ୍କ ପାଇଁ ଏବେ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। ବାରମ୍ବାର ସିଲିଂ ଖସୁଥିବା ବେଳେ ଅଗ୍ନିକାଣ୍ଡ ମଧ୍ୟ ଘଟିଛି। ଗତ ୨୬ ତାରିଖରେ ଓଟି କମ୍ପ୍ଲେକ୍ସ ୟୁରୋଲୋଜି ବିଭାଗ ଓଟିରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ତାରଗୁଡ଼ିକ ପୋଡ଼ି ଯାଇଥିବା ବେଳେ ଓଟିର ବିଭିନ୍ନ ପ୍ରକାର ଯନ୍ତ୍ରପାତିରେ ମଧ୍ୟ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା। ଏହି ଘଟଣାରେ ରୋଗୀ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ସେହିଦିନଠାରୁ ଓଟି କମ୍ପ୍ଲେକ୍ସ ବନ୍ଦ ରହିଛି। ଗତ ୮ତାରିଖ ଭୋରୁ ସେହି ବିଭାଗର ଛାତରୁ ସିଲିଂ ଖସି ପଡ଼ିଥିଲା। ରୋଗୀଙ୍କ ସମ୍ପର୍କୀୟ ବସିବା ପାଇଁ ଥିବା ହଲର ସିଲିଂ ଖସିଥିଲା। ଏହି ଘଟଣା ପରେ ୯ ତାରିଖରେ ପୁଣିଥରେ ଏଣ୍ଡୋକ୍ରିନୋଲୋଜି ବିଭାଗ ଇନ୍‌ଡୋର୍ ଛାତରୁ ସିଲିଂ ଖସିଛି। ଏହି ଘଟଣାକୁ ନେଇ ୧୦ ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ଟେକ୍ନିକାଲ୍ ଟିମ୍ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ଓ ଏହାପରେ କୋଠା ତିଆରି କରିଥିବା ସଂସ୍ଥାକୁ ନୋଟିସ୍ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଟେକ୍ନିକାଲ୍ ଟିମ୍ ତାଙ୍କର ରିପୋର୍ଟ ଦେଇ ସାରିଛନ୍ତି। ସେପଟେ କୋଠା ନିର୍ମାଣ କରିଥିବା ସଂସ୍ଥାକୁ ନୋଟିସ୍ ମଧ୍ୟ କରାଯାଇଛି।

# ଜାଲ୍ ସାର୍ଟିଫିକେଟରେ ଶିକ୍ଷକତା, ବିଇଓଙ୍କ ଏତଲା

**ବ୍ରହ୍ମପୁର ଅଫିସ,୧୯।୯**

ଗଞ୍ଜାମ ଜିଲାରେ ଜାଲ୍ ଶିକ୍ଷକଙ୍କ ତାଲିକା ବଢ଼ିବାରେ ଲାଗିଛି। କୁକୁଡ଼ାଖଣ୍ଡି ବ୍ଲକରେ ଜାଲ୍ ଶିକ୍ଷା ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଜଣେ ଶିକ୍ଷକ ସୋମବାର ଚିହ୍ନଟ ହୋଇଛନ୍ତି। ତାଙ୍କ ବିରୋଧରେ କୁକୁଡ଼ାଖଣ୍ଡି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ସଦର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନମ୍ବର ୪୨୭/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। କୁକୁଡ଼ାଖଣ୍ଡି ବ୍ଲକ୍ ନୂଆ ବାଇଗଣବାଡ଼ି ପ୍ରାଥମିକ ବିଦ୍ୟାଳୟରେ ରଞ୍ଜିତ କୁମାର ବିଷୋୟୀ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଚାକିରି ପାଇବା ସମୟରେ ସେ ଜାଲ୍ ବିଏଡ୍ ପ୍ରମାଣପତ୍ର ଓ ମାର୍କଶିଟ୍ ଦାଖଲ କରିଥିବା ନେଇ ନାରାୟଣ ବେହେରା ଅଭିଯୋଗ କରିଥିଲେ। ଶିକ୍ଷକ ରରଞ୍ଜିତଙ୍କ ଶିକ୍ଷା ପ୍ରମାଣପତ୍ର ଓ ମାର୍କଶିଟ୍ ଯାଞ୍ଚ କରିବା ପାଇଁ ସେ ଆବେଦନ କରିଥିଲେ। ଏହି ଆବେଦନ କ୍ରମେ ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କୁକୁଡ଼ାଖଣ୍ଡି ବିଇଓ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି କରି ସାର୍ଟିଫିକେଟ୍ ଓ ମାର୍କସିଟ୍ ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ଯାଞ୍ଚ ପରେ ରଞ୍ଜିତ ଦାଖଲ କରିଥିବା ସାର୍ଟିଫିକେଟ୍ ଓ ମାର୍କଶିଟ୍ ଜାଲ୍ ବୋଲି ଜଣାପଡ଼ିଥିଲା। ଏଣୁ କୁକୁଡ଼ାଖଣ୍ଡି ବିଇଓ ସହକାରୀ ଶିକ୍ଷକ ରଞ୍ଜିତଙ୍କ ନାମରେ ସଦର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ଦିଗରେ ତଦନ୍ତ ଜାରି ରଖିଥିବା କହିଛି।

# ଜାଲ୍ ସାର୍ଟିଫିକେଟରେ ଶିକ୍ଷକତା କରି ଗିରଫ



ପୋଲସରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

**ପୋଲସରା,୧୯।୯(ଡି.ଏନ.ଏ.)**

ଜାଲ ସାର୍ଟିଫିକେଟରେ ଶିକ୍ଷକତା କରି ଗଞ୍ଜାମ ଜିଲା ପୋଲସରା ବ୍ଲକ ସୋଡକ ନୋଡ଼ାଲ ହାଇସ୍କୁଲର ଶିକ୍ଷକ କିରଣ କୁମାର ଜେନା ସୋମବାର ଗିରଫ ହୋଇଛନ୍ତି। ଜଣେ ସାମାଜିକ କର୍ମୀଙ୍କ ଅଭିଯୋଗ ପରେ ଗଞ୍ଜାମ ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ହୋଇଥିଲା। ସୂଚନା ଅଧିକାର ଆଇନ ଅନୁଯାୟୀ ସାମାଜିକ କର୍ମୀ ତଥ୍ୟ ମାଗିଥିଲେ। ଏହା ଜାଣିବା ପରେ ଶିକ୍ଷକ କିରଣ ପ୍ରାୟ ଏକ ବର୍ଷ ପୂର୍ବେ ଇସ୍ତଫା ଦେଇଥିଲେ। ପରେ ଜାଲ୍ ସାର୍ଟିଫିକେଟ ଧରପଗଡ଼କୁ ନେଇ ଭିଜିଲାନ୍ସର ଏକ ଟିମ୍ ପୋଲସରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଆସି ୨୭ ଜଣ ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ସାଙ୍ଗରେ ନେଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ସୋଡକ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପଦବୀରୁ ଇସ୍ତଫା ଦେଇଥିବା କିରଣଙ୍କ ସାର୍ଟିଫିକେଟ ଜାଲ ବୋଲି ଜଣାପଡ଼ିଥିଲା। କିରଣ ଆନ୍ଧ୍ର ପ୍ରଦେଶର ତିରୁପତି ବିଶ୍ୱବିଦ୍ୟାଳୟର ବିଏଡି ସାର୍ଟିଫିକେଟ ଦେଇଥିଲେ। ତାହା ନକଲି ବୋଲି ତିରୁପତି ବିଶ୍ୱବିଦ୍ୟାଳୟ ଜଣାଇଥିଲେ। ଏନେଇ ପୋଲସରା ବିଇଓ କିରଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲସରା ପୋଲିସ ନଂ.୩୫୯/୨୨ ଏକ ଫୌଜଦାରୀ ମାମଲା ରୁଜୁ କରିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ କିରଣଙ୍କ ଗ୍ରାମ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ବି.ଡି.ପୁରରେ ପହଞ୍ଚି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବେଆଇନ ଭାବେ ଭଙ୍ଗାଗଲା ଅନ୍‌ସ୍ଲୋ ହାଇସ୍କୁଲ କୋଠା



ପୁରାତନ କୋଠା ଭାଙ୍ଗି ଦିଆଯାଇଛି।

**ଛତ୍ରପୁର,୧୯।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁରରେ ଥିବା ବ୍ରିଟିଶ ଅମଳର ଅନ୍‌ସ୍ଲୋ ସରକାରୀ ହାଇସ୍କୁଲର ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ କୋଠା ଓ ପାଚେରିକୁ ସୋମବାର ବେଆଇନ ଭାବେ ଭାଙ୍ଗିଦିଆଯାଇଛି। ସ୍କୁଲର ଏହି କୋଠା ଓ ପାଚେରି ଥିବା ଜମି ଶିକ୍ଷା ବିଭାଗର ସମ୍ପତ୍ତି ଥିବା ସତ୍ତ୍ୱେ ପୋଲିସ ପକ୍ଷରୁ ଏହାକୁ ଭଙ୍ଗାଯାଇଥିଲା । ଛତ୍ରପୁର ତହସିଲ ଅଧୀନ ସ୍ଥାନୀୟ ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ ଅଫିସ ପକ୍ଷରୁ ଏହି କୋଠା ଓ ପାଚେରି ଥିବା ଜମି ଗୃହ ବିଭାଗର ବୋଲି ପୋଲିସକୁ ଜଣାଯାଇଥିଲା। ତେବେ ବିନା ଡିମାର୍କେଶନରେ ଏପରି କୁହାଯାଇଥିଲା। ସୋମବାର ସ୍ଥାନୀୟ ପୋଲିସ ପକ୍ଷରୁ ଜେସିବି ଲଗାଇ ପ୍ରଥମେ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ପାଚେରି ଭଙ୍ଗାଯାଇ ଏହାର କ୍ୟାମ୍ପସ ଭିତରକୁ ପ୍ରବେଶ କରାଯାଇଥିଲା । ଏହାପରେ ଜେସିବି ମେଶିନ ସହାୟତାରେ ସ୍କୁଲର ପୁରାତନ କୋଠା ଭଙ୍ଗାଯାଇଥିଲା । ଏହା ଶିକ୍ଷା ବିଭାଗର ସମ୍ପତ୍ତି ବୋଲି ସ୍କୁଲ କର୍ତ୍ତୃପକ୍ଷ କହିବା ପରେ ଭଙ୍ଗା ବନ୍ଦ କରାଯାଇଥିଲା । ସ୍କୁଲ କୋଠା ଓ ପାଚେରି ଭଙ୍ଗାନେଇ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗଞ୍ଜାମ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି । ଏହି ଜମିର ଡିମାର୍କେଶନ ପାଇଁ ତହସିଲଦାରଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯିବ ବୋଲି ସୂଚନା ମିଳିଛି । ଅପରପକ୍ଷରେ ଏହି ଜମି ଡିମାର୍କେଶନ ହେବ ବୋଲି ଛତ୍ରପୁର ତହସିଲଦାର ପ୍ରକାଶ କୁମାର ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଭଙ୍ଗାଯାଇଥିବା ଉକ୍ତ ପୁରାତନ କୋଠା ସ୍ଥାନରେ ଯୁକ୍ତ ୨ଶ୍ରେଣୀ ଖୋଲିବାର ପ୍ରସ୍ତାବ ଥିଲା। ଜୁଲାଇ ୨୪ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଏଠାକୁ ଆସି ଉକ୍ତ ସ୍ଥାନରେ ଯୁକ୍ତ ୨ ଖୋଲିବା ପାଇଁ ଆଲୋଚନା କରିଥିଲେ । ଏନେଇ ପ୍ରସ୍ତାବ ମଧ୍ୟ ଯାଇଥିଲା । ଅନ୍ୟ ବିଭାଗ ପକ୍ଷରୁ ଶିକ୍ଷା ବିଭାଗର କୋଠା ଓ ପାଚେରି ଭାଙ୍ଗିବା ନେଇ ଗଞ୍ଜାମ ଜିଲା ଓ ଛତ୍ରପୁର ବ୍ଲକ ଶିକ୍ଷା ବିଭାଗକୁ ସ୍ତବ୍ଧ କରିଦେଇଛି । ବହୁ ପୁରାତନ ଛାତ୍ରମାନେ ମଧ୍ୟ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏକଦା ଉକ୍ତ ବିଲ୍ଡିଂରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଠ ପଢ଼ାଯାଉଥିଲା । ବାତ୍ୟା ପରେ ଏହି କୋଠାକୁ ବିପଦପୂର୍ଣ୍ଣ ବୋଲି ଘୋଷଣା କରାଯାଇଥିଲା ।

# ୧୩୧ ୟୁନିଟ ରକ୍ତ ସଂଗୃହୀତ

**ସୋରଡା,୧୯।୯(ଡି.ଏନ୍.ଏ.)**

ଭାଜପା ଘୁମୁସର ଜିଲା ଯୁବ ମୋର୍ଚ୍ଚା ତରଫରୁ ସ୍ଥାନୀୟ ସୀତାରାମ ପେଣ୍ଠ ଗୃହରେ ସୋମବାର ମେଗା ରକ୍ତଦନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ରକ୍ତ ଭଣ୍ଡାରର ଡାକ୍ତର ଦଳ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳମଣି ବିଶୋୟୀ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୧୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନଗର ସଭାପତି ଭି ଜଗଦୀଶ ରାଜୁ, ଏକଲପୁର ମଣ୍ଡଳ ସଭାପତି ବୁଲୁ ସାଇଁ, ବଡ଼ଗଡ଼ ସଭାପତି ରାଧାମୋହନ ସ୍ୱାଇଁ, ଘୁମୁସର ସଭାପତି ଦୀପକ ପ୍ରଧାନ। ଉପସଭାପତି ସତ୍ୟବାନ ଗଉଡ, ପ୍ରଭାରି ସିଦ୍ଧାନ୍ତ ଗଙ୍ଗଦେଓ, ଯୁବ ନେତା ଲିଟୁ ବିଶୋଇ, ଶିବ ଦିଗଳ ପ୍ରମୁଖ ପରିଚାଳନା କରିଥିଲେ।

# ପୂଜା ପୂର୍ବରୁ ପୁନଃ ନିର୍ମାଣ ଦାବି କଲା କଂଗ୍ରେସ

**ବ୍ରହ୍ମପୁର ଅଫିସ,୧୯।୯**

### ମହାନଗରରେ ରାସ୍ତା ଅବସ୍ଥା ଶୋଚନୀୟ

ଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଦକ୍ଷିଣ ଓଡ଼ିଶାର ବଡ଼ ସହର ତଥା ବ୍ୟବସାୟ ବାଣିଜ୍ୟର ପେଣ୍ଠ କୁହାଯାଉଥିବା ବ୍ରହ୍ମପୁରରେ କ୍ରମଶଃ ଗହଳି ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ମହାନଗରର ରାସ୍ତାଗୁଡ଼ିକ ଶୋଚନୀୟ ହୋଇଯାଇଛି। କେବଳ ଗଳିକନ୍ଦି ନୁହେଁ ମୁଖ୍ୟ ସଡ଼କଗୁଡ଼ିକ ଖାଲଖମାରେ ପରିଣତ ହୋଇଛି। ଏବେ ଲଘୁଚାପ ପ୍ରଭାବିତ ବର୍ଷା ଦାଉ ସାଧିଛି। ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଲୋକଙ୍କ ଯାତାୟାତ ବିପଜ୍ଜନକ ହୋଇଥିବା ବେଳେ ମୁଖ୍ୟତଃ ଦୁଇ ଚକିଆ ଗାଡ଼ି ଓ ଅଟୋ ଚଳାଚଳ ସମସ୍ୟା ସୃଷ୍ଟି କରୁଛି। ସମସ୍ୟାର ସ୍ଥାୟୀ ସମାଧାନରେ ମହାନଗର ନିଗମ ଆଖି ବୁଜି ଦେଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ପୀତବାସ ପଣ୍ଡା ସୋମବାର ଗଣମାଧ୍ୟମକୁ କହିଛନ୍ତି, ଗତ ୨ ବର୍ଷ ହେବ ବନ୍ଦ ଥିବା ଦୁର୍ଗା ପୂଜା ଚଳିତ ବର୍ଷ ଧୂମଧାମରେ ପାଳନ ପାଇଁ ଆୟୋଜନ ଚାଲିଛି। ଗହଳି ବୃଦ୍ଧି ପାଇବାରେ ଲାଗିଥିବା ବେଳେ ରାସ୍ତାଗୁଡ଼ିକର ଶୋଚନୀୟ ଅବସ୍ଥା ସମସ୍ୟାକୁ ଦ୍ୱିଗୁଣିତ କରି ଦେଇଛି। ବର୍ଷା ପରେ ବର୍ଷା ହେଉଥିବାରୁ ବିଭିନ୍ନ ସମୟରେ ରେଶମ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବା ଦର୍ଶାଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପ୍ରତିକ୍ରିୟାରେ ବିଏମ୍‌ସି ପକ୍ଷରୁ କୁହାଯାଇଛି, ସବୁ ରାସ୍ତା ପୁନଃ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ସରିଛି। ଯୁଦ୍ଧକାଳୀନ ଭାବେ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
# ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ତାଙ୍କ ପ୍ରେମିକଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋଷାଣୀନୂଆଗାଁର ଗଣେଶ ପାଢ଼ୀ(୩୮)।

ପ୍ରକାଶ ଯେ, ଉକ୍ତ ମହିଳା ଜଣଙ୍କ ହିଞ୍ଜିଳିକାଟୁ ଅଞ୍ଚଳରେ କିଛି ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହେବା ପରେ ଶାଶୁ ଘର ଲୋକ ତାଙ୍କୁ ତଡ଼ି ଦେଇଥିଲେ। ପରେ ସେ ତାଙ୍କ ବାପାଙ୍କ ଘରେ ରହୁଥିଲେ। କିଛିମାସ ପୂର୍ବେ ଗୋଷାଣୀନୂଆଗାଁ ଅଞ୍ଚଳର ଗଣେଶ ଉକ୍ତ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ନିଜକୁ ଅବିବାହିତ ବୋଲି କହି ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ତାଙ୍କୁ ଅନ୍ୟତ୍ର ଏକ ଘର ଭଡ଼ା ନେଇ ସେଠାରେ ରଖିଥିଲେ। ଗଣେଶ ବିବାହିତ ବୋଲି କିଛିଦିନ ତଳେ ମହିଳା ଜଣଙ୍କ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଶେଷରେ ମହିଳା ଜଣଙ୍କ ଶାଢ଼ି ଲଗାଇ ଗତ ଶନିବାର ଆତ୍ମହତ୍ୟା କରିଥିଲେ। ଏନେଇ ଗଣେଶ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହ ତାଙ୍କ ବାପା ରାଜେନ୍ଦ୍ର ସାହୁଙ୍କୁ ପୋଲିସ ହସ୍ତାନ୍ତର କରିଥିବା କହିଛି।

# ସିଆଳି ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କାଶୀନଗର,୧୯।୯**

କାଶୀନଗର ବ୍ଲକର ସିଆଳି ପଞ୍ଚାୟତର ସିଆଳ. ଗାରିଆଗୁଡ଼ା ଗ୍ରାମରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ମଣ୍ଡଳୀ ଓ କେତେକ ସାମାଜିକ କର୍ମୀ ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ ଓ ସମିତିସଭ୍ୟ କୁଣ୍ଡିଙ୍ଗି ସୋମେସଙ୍କ ନେତୃତ୍ୱରେ ଗ୍ରାମ ସଫେଇ ସହ ଜନ ସଚେତନ କରାଯାଇଥିଲା। ଗ୍ରାମର ମଇଳା ବୋଝେଇ ନିମନ୍ତେ ଗାଡ଼ିଗୁଡ଼ିକ ବଣ୍ଟନ କରାଯାଇଥିଲା। ଏହି ଗାଡ଼ିଗୁଡ଼ିକ ଗ୍ରାମରେ ମଇଳା ସଂଗ୍ରହ କରିବ।

# ବସ୍ତିରେ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସୋମବାର ସହରର ବସ୍ତି ଗୁଡିକରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସୋମବାର ୨୫ ନଂ. ୱାର୍ଡ ସ୍ଥିତ ବିଜିପୁର କାଳୁଆ ମନ୍ଦିର କଲ୍ୟାଣ ମଣ୍ଡପରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, କର୍ପୋରେଟର ନରସିଂହ ସେଠୀ ଓ ସୋନାଲି ଗନ୍ତାୟତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଝୋଟି, ନୃତ୍ୟ, ସଂଗୀତ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବସ୍ତିର ଝିଅମାନେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ହରିଡାଖଣ୍ଡି କଲ୍ୟାଣ ମଣ୍ଡପ, ଠାକୁରାଣୀ ମନ୍ଦିର କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ୱାର୍ଡରେ ସିଇଓ କବିତା ରାଣୀ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଭତ୍ତା ବଣ୍ଟନରେ ଅନିୟମିତତା ନେଇ ଅସନ୍ତୋଷ

**ବ୍ରହ୍ମପୁର ଅଫିସ,୧୯।୯**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ସୋମବାର ନିଗମର ନୂତନ ସମ୍ମିଳନୀ କକ୍ଷରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୫ଟି ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରୁ ଟାଟା ପାୱାର, ନିଗମ ଦ୍ୱାରା ଗଠନ କରାଯାଇଥିବା ପ୍ରତ୍ୟେକ ଷ୍ଟାଣ୍ଡିଂ କମିଟି, ସମସ୍ତ ମାର୍କେଟ ଓ ସହରକୁ ପ୍ରବେଶ କରୁଥିବା ଫାଟକରୁ ଆଦାୟ ହେଉଥିବା ଫି, ଖାଉଟି କାର୍ଡ ଓ ନିଗମ ଅଧିନରେ ଥିବା ଜାତୀୟ ସାମାଜିକ ସୁରକ୍ଷା ସହାୟତା ଯୋଜନାରେ ସମସ୍ତ ଭତ୍ତା ସୁଚାରୁ ରୂପେ ବଣ୍ଟନ ନେଇ ଆଲୋଚନା ହୋଇଥିଲା। ତେବେ ଉକ୍ତ ୫ଟି ବିଷୟ ମଧ୍ୟରୁ ଖାଉଟି ଓ ଜାତୀୟ ସାମାଜିକ ସୁରକ୍ଷା ସହାୟତା ଯୋଜନାରେ ଭତ୍ତା ବଣ୍ଟନ କ୍ଷେତ୍ରରେ ହେଉଥିବା ଅନିୟମିତତାକୁ ନେଇ କର୍ପୋରେଟରମାନେ ତୀବ୍ର ଅସନ୍ତୋଷ



ବୈଠକରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

ପ୍ରକାଶ କରିଥିଲେ। ବିଏମ୍‌ସି ୨୪ ନଂ. ୱାର୍ଡ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ କହିଥିଲେ, ଭତ୍ତା ବଣ୍ଟନରେ ବାଟ ମାରଣା ହୋଇଛି। ମୃତ୍ୟୁ ହୋଇଥିବା ହିତାଧିକାରୀଙ୍କ ପରିବାର ଲୋକେ ଟଙ୍କା ପାଉଥିବା ସେ ଅଭିଯୋଗ କରିଥିଲେ। ସ୍ୱଚ୍ଛ ସାଥୀ ଭତ୍ତା ବଣ୍ଟନକୁ ସେ ବିରୋଧ କରିଥିଲେ। ଭତ୍ତା ବଣ୍ଟନରେ କର୍ପୋରେଟରଙ୍କୁ ପ୍ରାଧାନ୍ୟ ଦେବାକୁ ସେ କହିଥିଲେ। ଭତ୍ତା ପାଉଥିବା ଲୋକଙ୍କ ଲାଇଭ ସାର୍ଟିଫିକେଟ ବିଏମ୍‌ସି ନିକଟରେ ଦାଖଲ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ତତ୍‌ସହିତ ଭତ୍ତା ବଣ୍ଟନରେ ସମ୍ପୃକ୍ତ ବ୍ୟାଙ୍କ ସଂସ୍ଥା ଠିକ ଭାବେ ବଣ୍ଟନ କରୁ ନ ଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଅସନ୍ତୋଷ ଜାହିର କରିବା ସହ ବ୍ୟାଙ୍କ କର୍ମଚାରୀଙ୍କୁ ତାଗିଦ କରିଥିଲେ।

ସେହିପରି ଭତ୍ତା ବଣ୍ଟନ କ୍ଷେତ୍ରରେ ସ୍ଥାନୀୟ କର୍ପୋରେଟରଙ୍କ ସହଯୋଗ ଏବଂ ଜଣେ ଲୋକଙ୍କୁ ଦାୟିତ୍ୱ ପ୍ରଦାନ କରିବାକୁ ବ୍ୟାଙ୍କ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗରିବ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିବା ପରେ ଗୋଷ୍ଠୀ ସଂଯୋଜିକା (ସିଇଓ)ମାନେ କୌଣସି ଯାଞ୍ଚ ନ କରି

### ବିଏମ୍‌ସିର ଜରୁରୀକାଳୀନ ବୈଠକ
- ଗୋଷ୍ଠୀ ସଂଯୋଜିକାଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା
- କର୍ପୋରେଟରଙ୍କୁ ପ୍ରାଧାନ୍ୟ ଦାବି

ମନମୁଖୀ ଭାବେ ସେମାନଙ୍କ ଆବେଦନକୁ ମଞ୍ଜୁର କରୁ ନ ଥିବା କର୍ପୋରେଟର ଅଭିଯୋଗ କରିଥିଲେ। ଆଗାମୀ ଦିନରେ ସିଇଓ ଏବଂ କର୍ପୋରେଟରଙ୍କୁ ନେଇ ସ୍ୱତନ୍ତ୍ର ବୈଠକ ପାଇଁ ନିଷ୍ପତ୍ତି ହୋଇଥିଲା। କର୍ପୋରେଟର ଟି.କିଶୋର କୁମାର ପାତ୍ର ବହୁ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଆବେଦନ ପ୍ରକ୍ରିୟା ପୁନଃ ପ୍ରଚଳନ ପାଇଁ ଅନୁରୋଧ କରିଥିଲେ। ମେୟର କହିଥିଲେ, ଏ ନେଇ ଏମ୍‌ପି ସଂସଦରେ ଦାବି ଉପସ୍ଥାପନ କରିବେ। ଏଥିସହ ସହରରେ ଡ୍ରେନ୍ ଓ ରାସ୍ତା ଉପରେ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଆଲୋଚନା ହୋଇଥିଲା। କିନ୍ତୁ ଟାଟା ପାୱାର ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ନିନ୍ଦା କରାଯାଇଥିଲା। ଟାଟା ପାୱାରଠାରୁ ବିଏମ୍‌ସି ୟୁଜର୍ସ ଫି ଆଦାୟ କରିବାକୁ ଅନେକ କର୍ପୋରେଟର ଦାବି କରିଥିଲେ। ସେହିଭଳି ନିଗମରେ ୯ଟି ଷ୍ଟାଣ୍ଡିଂ କମିଟି ରହିଥିବା ବେଳେ ଏଥିରେ କମିଟି ସଦସ୍ୟଙ୍କୁ ଅଧ୍ୟକ୍ଷ କରିବା ପାଇଁ ମେୟର ପ୍ରସ୍ତାବ ଦେଇଥିଲେ। ଯାହାକୁ ସର୍ବ ସମ୍ମତି କ୍ରମେ ସମର୍ଥନ ମିଳିଥିଲା। ସେହିପରି ବଜାର ଓ ସହରର ପ୍ରବେଶ ପଥଗୁଡିକରେ ଫି ଆଦାୟର ଘରୋଇକରଣକୁ ନେଇ କର୍ପୋରେଟରମାନେ ତୀବ୍ର ବିରୋଧ କରିଥିଲେ। ବୈଠକ ପ୍ରାରମ୍ଭରେ ୫ ନଂ. ୱାର୍ଡ ସମେତ ଅନ୍ୟ କିଛି ୱାର୍ଡର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, କମିଶନର ଜେ.ସୋନାଲ, ଡେପୁଟି କମିଶନର ନୀଳମାଧବ ଭୋଇ ଉପସ୍ଥିତ ଥିଲେ। ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ଭାସି ଯାଇ ବୃଦ୍ଧ ମୃତ

ଭଞ୍ଜନଗର,(ଡି.ଏନ.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ନିକଟସ୍ଥ ବଡନଦୀରୁ ପୋଲିସ ରବିବାର ଏକ ମୃତଦେହ ଜବତ କରିଛି। ସେ ହେଲେ କୃଷ୍ଣପଲ୍ଲୀର ଚନ୍ଦ୍ର ନାୟକ। ଚନ୍ଦ୍ର ଶନିବାର କୁଲାଡ଼କୁ ସଉଦା କିଣିବାକୁ ଆସି ଘରକୁ ଫେରୁଥିବାବେଳେ ନଦୀରେ ଭାସି ଯାଇଥିଲେ। ଜବତ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି।



# ସମସ୍ୟାରେ ଉବୁଟୁବୁ ଖଣ୍ଡବା ଗାଁ

ଆର୍.ଉଦୟଗିରି,୧୯।୯(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଭାରତ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ଏବଂ ଦୁର୍ନୀତି ଯୋଗୁ ଏହି ଯୋଜନାରେ ନିର୍ମାଣ ହୋଇଥିବା ଅନେକ ସଡ଼କ ଏବେ ମରଣଯନ୍ତା ପାଲଟିଛି। ଏଭଳି କିଛି ସମସ୍ୟା ଗଜପତି ଜିଲା ମୋହନାରେ ଦେଖିବାକୁ ମିଳିଛି। ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ଅନେକ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ସଡ଼କ ନିର୍ମାଣ କରିଛନ୍ତି ଭାରତ ସରକାର। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ମୋହନା ବ୍ଲକର ଅନେକ ଗ୍ରାମକୁ ଅଦ୍ୟାବଧି ନିର୍ମାଣ ହୋଇପାରୁନି ପକ୍କା ସଡ଼କ। ମୋହନା ବ୍ଲକ୍‌ର ଉପାନ୍ତ ଅଞ୍ଚଳ କଟାମା ପଞ୍ଚାୟତର

### ଜିଲା ଓ ବ୍ଲକ ପ୍ରଶାସନ କୋଥାରେ


ବିପର୍ଯ୍ୟସ୍ତ ରାସ୍ତା।

ଖଣ୍ଡବା ଗାଁକୁ ସଂଯୋଗ କରୁଥିବା ୩ କିମି ରାସ୍ତା କାଦୁଅ ପଚପଚ ହୋଇଛି। ଖଣ୍ଡବା ଗାଁଟି ଘଞ୍ଚ ଜଙ୍ଗଲ, ପାହାଡ଼ ମଧ୍ୟରେ ଥିବା ବେଳେ ୨୨ ପରିବାରର ୩ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଚାଷବାସ କରି ଜୀବନଯାପନ କରୁଛନ୍ତି। ହେଲେ ଏମାନେ ଯେକୌଣସି ବଜାର, ବାଟ ଓ ସ୍ୱାସ୍ଥ୍ୟସେବା ପାଇଁ ପାଣିଗଣ୍ଡା, ଅଡ଼ବା ଓ ମୋହନା ଉପରେ ନିର୍ଭର କରୁଥିବା ବେଳେ ଗାଁକୁ ନାହିଁ ଭଲ ରାସ୍ତା। କଟାମା, ଗରଡ଼ମା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଆସିଲେ ହିଁ ଏମାନେ ଯେଉଁଠି କି ଯାଇପାରିବେ। କିନ୍ତୁ ଗାଁଠାରୁ ମୁଖ୍ୟ ରାସ୍ତାକୁ ବାହାରିବାକୁ ହେଲେ ଏମିତି ଦୟନୀୟ ୩ କିମି ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଏମିତି ରାସ୍ତାରେ ଲୋକେ ଯା'ଆସ କରୁଥିବା ବେଳେ ପୁଣି ଏହି ବାଟରେ ବାଧକ ସାଜେ ଗୋଟିଏ ନାଳ। ଲଗାଣ ବର୍ଷା ଲାଗିରହିଲେ ଏହି ନାଳରେ ପ୍ରଖର ଗତିରେ ପ୍ରବାହିତ ହୁଏ ବର୍ଷାଜଳ। ଫଳରେ ଲୋକଙ୍କୁ ନାଳ ପାର ହେବା ଅସମ୍ଭବ ହୋଇପଡ଼େ। ଫଳରେ ବର୍ଷା ସମୟରେ ଏହି ଗ୍ରାମବାସୀ ହୋଇଯାଆନ୍ତି ବାହ୍ୟ ଜଗତରୁ ବିଚ୍ଛିନ୍ନ। ରାସ୍ତା ପାଇଁ ଗ୍ରାମବାସୀ ନାହିଁ ନଥିବା ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ଏଠାରେ ପ୍ରଥମେ ପକ୍କା ସଡ଼କ ନିର୍ମାଣ କରିବା ପାଇଁ ବିଭାଗୀୟ ବାବୁଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ଅପରାଜିତା ବିଷୋୟୀ, ବାଉରୀବନ୍ଧୁ ଦଳାଇ, ବଳରାମ କାର୍ଯୀ, ଲକ୍ଷ୍ମୀ ଦଳାଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଭଳି ରାସ୍ତା ସମସ୍ୟା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିବା ତ ଦୂରର କଥା ମଣିଷ ଚାଲିକି ଯିବା କଷ୍ଟକର ହେଉଥିବା ବେଳେ ଗାଁରେ ନା ଅଛି ନେଟୱର୍କର ସୁବିଧା ନା ସମ୍ପୂର୍ଣ୍ଣ ହୋଇପାରିଛି ଅଙ୍ଗନୱାଡି ଗୃହ। ଅଧାପନ୍ତରିଆ ଅଙ୍ଗନୱାଡ଼ି ଗୃହରେ ଲଟାବୁଦା ମାଡ଼ିଯାଇ ନଷ୍ଟହେବାକୁ ବସିଲାଣି ଗୃହ। ରାସ୍ତା ସମସ୍ୟା ଯୋଗୁ ଏଠାକୁ ଅଙ୍ଗନୱାଡି କର୍ମୀ ଓ ସ୍କୁଲ୍ ଶିକ୍ଷକ ମଧ୍ୟ ଠିକ୍‌ରେ ଆସିବା ଅସମ୍ଭବ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ରାସ୍ତା ସମସ୍ୟା ଯୋଗୁ ବର୍ଷ ବର୍ଷ ଧରି ଏଭଳି ଦୁର୍ବିଷହ ଜୀବନ କାଟୁଥିଲେ ମଧ୍ୟ ପକ୍କା ସଡ଼କ ନିର୍ମାଣ ପାଇଁ ବାରମ୍ବାର ସରକାରଙ୍କୁ ଅଭିଯୋଗ ଜଣାଇ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ତେବେ ଗ୍ରାମ ପରିଦର୍ଶନରେ ଯାଇଥିବା ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଳିକ ବିପର୍ଯ୍ୟସ୍ତ ରାସ୍ତାର ନିର୍ମାଣ ଲାଗି ନିଜ ପାଣ୍ଠିରୁ କିଛି ଅର୍ଥରାଶି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଗୋଷାଣୀ ପଞ୍ଚାୟତ ସମିତି ବୈଠକ

ପାରଳାଖେମୁଣ୍ଡି,୧୯।୯(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ପଞ୍ଚାୟତ ସମିତିର ବୈଠକ ଗୃହରେ ଅଧ୍ୟକ୍ଷ ବୀରରାଜୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମିତିର ସମସ୍ତ ସରପଞ୍ଚ, ସମିତି ମେମ୍ବର, ବ୍ଲକର ସମସ୍ତ କର୍ମଚାରୀ ଓ ଅନ୍ୟ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୈଠକ ପରିଚାଳନା କରିଥିଲେ। ସ୍ୱଚ୍ଛତା ହିଁ ସେବା, ଅହିଂସା ରଥ, ଜାତୀୟ ପଞ୍ଚାୟତ ପୁରସ୍କାର ଓ ଡେଙ୍ଗୁ ଜ୍ୱରର ପ୍ରତିକାର ନେଇ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୫ଠାରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସାରା ଦେଶ ତଥା ରାଜ୍ୟର ସମସ୍ତ କୋଣ ଅନୁକୋଣରେ ସ୍ୱଚ୍ଛତା ହିଁ ସେବାକୁ ଜାରିରଖିବା ସହ ନିଜ ନିଜ ଗ୍ରାମପଞ୍ଚାୟତରେ ଏହି ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ବିଭିନ୍ନ ସେବାରେ ଭଲ ପ୍ରଦର୍ଶନ କରିଥିବା ଗ୍ରାମପଞ୍ଚାୟତକୁ ପୁରସ୍କାର ନିମନ୍ତେ ଆବଶ୍ୟକ ତଥ୍ୟଗୁଡିକ ଅନ୍‌ଲାଇନ ମାଧ୍ୟମରେ ପୂରଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଦେବୀ, ସଞ୍ଜୟ ପିସିସି ସଭ୍ୟ

ଭଞ୍ଜନଗର,୧୯।୯(ଡି.ଏନ.ଏ)-ଭଞ୍ଜନଗର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଦେବୀ ବିଷୋୟୀ ଓ ସଞ୍ଜୟ ତ୍ରିପାଠୀ ପିସିସି ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ଉଭୟ ପିସିସି ସଭ୍ୟ ମନୋନିତ ହେବା ପରେ ସେମାନଙ୍କ ସମର୍ଥକ ଖୁସିବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦେବୀ ପ୍ରକାଶ କରିଛନ୍ତି।

### ୧୮୦୦ଲିଟର ପୋଚ ନଷ୍ଟ, ୨ ଗିରଫ

ପାରଳାଖେମୁଣ୍ଡି,୧୯।୯(ଡି.ଏନ୍.ଏ.)- ଗଜପତି ଜିଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଦର ଅବକାରୀ ଥାନା ଏବଂ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ଚଢାଉ କରାଯାଇଛି। ଏହି ଚଢାଉ ବେଳେ ମୋଟ ୧୮୦୦ ଲିଟର ମହୁଲ ପୋଚ ଜବତ କରି ନଷ୍ଟ କରଯାଇଥିଲା। ଏଥିସହ ୧୫୯ଲିଟର ଦେଶୀ ମଦ ଜବତ କରାଯାଇଛି। ପୃଥକ ପୃଥକ ଘଟଣାରେ ୨ଜଣ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଥିବା ବେଳେ ବିପୁଳ ପରିମାଣରେ ମଦ ରନ୍ଧା ସାମଗ୍ରୀ ଗୁଡ଼ିକୁ ଜବତ କରାଯାଇଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ।

### ବିଜ୍ଞାନ ଆଲୋଚନାଚକ୍ର

ଭଞ୍ଜନଗର,୧୯।୯(ଡି.ଏନ.ଏ)-ଭଞ୍ଜନଗର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସୋମବାର ମୁଜାଗଡ଼ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୪୧ ସ୍କୁଲର ଛାତ୍ରୀଛାତ୍ରମାନେ ଆଲୋଚନାରେ ଭାଗନେଇ ଥିଲେ। ବିଚାରକ ଭାବେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା, ପଦାର୍ଥ ବିଜ୍ଞାନ ବିଭାଗର ଅର୍ପଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ପୂର୍ବାହ୍ନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାସନ୍ତି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ମନୋନିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ସିଆର୍‌ସିସି ଭଗବାନ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ହେଲେ ପିସିସି ସଦସ୍ୟ

ଦିଗପହଣ୍ଡି,୧୯।୯(ଡି.ଏନ.ଏ.)

ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରଫୁଲ୍ଲ ପୂର୍ବରୁ ଡିସିସି ଉପସଭାପତି ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ସାଙ୍ଗଠନିକ ଦକ୍ଷତା ଆଧାରରେ ତାଙ୍କୁ ପ୍ରଦେଶ କଂଗ୍ରେସ କମିଟିକୁ ନିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏ ନେଇ ଘୋଷଣା କରାଯିବା ପରେ ଦିଗପହଣ୍ଡି ନଗର କଂଗ୍ରେସ ଏବଂ ବ୍ଲକ କଂଗ୍ରେସରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଦେଶ ସ୍ତରରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିବାରୁ ପ୍ରଫୁଲ୍ଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏବଂ ଜିଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଫୁଲ୍ଲଙ୍କୁ ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ଦୀପକ କୁମାର ମିଶ୍ର, ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ଅଭିମନ୍ୟୁ ଜାନି, ପୂର୍ବତନ ସରପଞ୍ଚ ପୀତାମ୍ବର ଗୌଡ, ଶିବରାମ ପ୍ରଧାନ, ରସାନନ୍ଦ ରାଉତ, ଏ.କେଶବ ରାଓ, ଗଞ୍ଜାମ ଜିଲା କଂଗ୍ରେସ କମିଟି ସମ୍ପାଦକ କେ.କୁନା, ଏନ୍‌ଏସି ଉପାଧ୍ୟକ୍ଷା କେ. ପୂଜା, କାଉନସିଲର ସୁନୀଲ କୁମାର ପଣ୍ଡା, କଂଗ୍ରେସ କାର୍ଯ୍ୟକର୍ତ୍ତା ବାଲ୍ମୀକି ବେହେରା, ରଞ୍ଜିତ ବେହେରା, ଶିବପ୍ରସାଦ ସାହୁଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ୨୯୮ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

ଭଞ୍ଜନଗର,୧୯।୯(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସୋମବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡର ବିଭିନ୍ନ ଲୋକଙ୍କ ଆପତି ଅଭିଯୋଗ ଶୁଣିଥିଲେ। ୨୯୮ ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୧୩ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଆଜିର ଅଭିଯୋଗ ଶୁଣାଣିରେ ଅଧିକାଂଶ ବ୍ୟକ୍ତି ବିଭିନ୍ନ ଭତ୍ତା ସୁବିଧା ଦେବାପାଇଁ ଦାବି କରିଥିଲେ । ବିଭିନ୍ନ କାରଣ ଯୋଗୁ ହଜାର ହଜାର ଲୋକ ଏବେବି ଭତା ପାଇପାରୁନାହାନ୍ତି । ତେଣୁ ସରକାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରନ୍ତୁ । ଏଥିସହ ହିତାଧିକାରୀ ଚୟନ ସମୟରେ ରାଜନୈତିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି ହିତାଧିକାରୀ ଚୟନ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ତିଳିସିଙ୍ଗି ପଞ୍ଚାୟତ ସାମରଡ଼ାର କେତକ ବ୍ୟକ୍ତି ଏଠାରେ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଘୁମୁସର ଜିଲା ଘୋଷଣା, ଆମ ପୋଲିସ ସମିତି ବୈଠକରେ ବରିଷ୍ଠ ନାଗରିକ ମଞ୍ଚକୁ ସୁଯୋଗ ଦେବା, ଘୁମୁସରର ଚାଷୀମାନଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ଭଞ୍ଜନଗର ଏକ ସ୍ଥାୟୀ ଏଡିଏମ୍ ନିଯୁକ୍ତି ସମେତ ୭ଦଫା ଦାବିନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଭାଜପା ନେତା ପ୍ରଦ୍ୟୁମ୍ନ ନାୟକଙ୍କ ନେତୃତ୍ୱରେ ଭାଜପା ନେତାମାନେ ଜିଲାପାଳଙ୍କୁ ଭେଟି ଭଞ୍ଜନଗର ବ୍ଲକ ଭାଜପା ପଞ୍ଚାୟତ ଗୁଡ଼ିକର ବିକାଶ ପ୍ରତି ଦୃଷ୍ଟି ଦେବାପାଇଁ ଦାବୀ କରିଥିଲେ । ପୂର୍ବତନ କାଉସିଲର ଡି.ଚେଲପତି ରାଓ ଭଞ୍ଜନଗରରୁ ବ୍ରହ୍ମପୁର ଉଠି ଯାଇଥିବା ଚକବନ୍ଦୀ ଅଫିସ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗରରେ ଖୋଲିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ଶୁଣାଣି ସମୟରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରୟ, ଉପ ଜିଲାପାଳ ଜ୍ୟୋତି ରଞ୍ଜନ ରାୟ, ବିଡିଓ ଶଶି ଭୁଷଣ ମହାପାତ୍ର ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଅନେକ ହିତାଧିକାରୀଙ୍କୁ ଜମି ପଟ୍ଟା ଓ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।

## ସ୍ମୃତି ସଭାରେ ଯୋଗଦେଲେ ଛତ୍ରପୁର ବିଧାୟକ

ଗଞ୍ଜାମ,୧୯।୯(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧି ସୀମାଞ୍ଚଳ ସାହୁଙ୍କ ମା' ବିମଳା ସାହୁଙ୍କ ସ୍ମୃତି ସଭାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ (ସିଲୁ), ଯୁବନେତା ଶିବରାମ ଜେନା, ପପୁ ପଣ୍ଡା, ଛାତ୍ର ନେତା ବିଭୂତି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ନେତା ସାହୁଙ୍କ ମାତା ସ୍ୱର୍ଗତ ବିମଳା ଦେବୀ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଗତ ୬ ତାରିଖରେ ତାଙ୍କର ବିୟୋଗ ଘଟିଥିଲା।


ସ୍ମୃତି ସଭାରେ ବିଧାୟକ।

## ମୌଳିକ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଆଦିବାସୀମାନଙ୍କ ପଦଯାତ୍ରା ।

କାଶୀନଗର,୧୯।୯

କାଶୀନଗର ବ୍ଲକର ଆଦିବାସୀ ମଞ୍ଚ, ଭାରତୀୟ ଗଣତାନ୍ତ୍ରିକ ଯୁବ ଫେଡେରେଶନ (ବାମପନ୍ଥୀ) ଦ୍ୱାରା କାଶୀନଗର ବ୍ଲକର ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ବହୁ ଆଦିବାସୀ ମହିଳା, ପୁରୁଷ ଅଲଡ଼ାଠାରୁ ପଦଯାତ୍ରା ଓ ରାଲି କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଦିବାସୀଙ୍କ ଜଙ୍ଗଲ ଜମି ପଟ୍ଟା, କୃଷିରଣ, ଶ୍ରମିକମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ୧୦୦ ଦିନ କାର୍ଯ୍ୟ ଦିବସ, ଶିକ୍ଷକ ଓ ଅନ୍ୟାନ୍ୟ ପଦବୀଗୁଡ଼ିକ ପୂରଣ କରିବା, କାଶୀନଗରରେ ହେଉଥିବା ମେଗା ଜଳସେଚନ ପ୍ରୋଜେକ୍ଟ ସିଆଳି ଓ ଅଲଡ଼ାକୁ ସମ୍ପ୍ରସାରଣ କରାଯାଇ ଜଳଯୋଗାଣ, ରେଲିଗୁଡ଼ାଠାରୁ ସାରିପାଡିଗୁଡ଼ାକୁ ରାସ୍ତା ନିର୍ମାଣ ଆଦି ଦାବି ନେଇ ବିରାଟ ରାଲି କରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ରାଲିରେ କାର୍ତ୍ତିକ ଶବର, ନାଗେଶ୍ୱର ଶବର, କେ.ମୀନା ରାଓ, ଦଣ୍ଡପାଣି ରଇତ, ସୁକୁ ଶବର, ଜେମସ୍ ଶବର ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୯।୯

ଫିରିଙ୍ଗିଆ ଥାନା ପୋଲିସ ସିମିଳି ସାହି ପାଖରେ ଚଢ଼ାଉ କରି ଏକ କାରରୁ ୪୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ହେଲେ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ଗିରଫ ଯୁବକ ହେଲେ ଫୁଲବାଣୀ ପିଅନପଡାର ତ୍ରିଲୋଚନ ବେହେରା। ଥାନାରେ ନଂ. ୧୪୦/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି।

## ସିମେଣ୍ଟ ବୋଝେଇ ଟ୍ରକ୍‌ରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ

ବ୍ରହ୍ମପୁର ଅଫିସ,୧୯।୯

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍‌ରୁ ୧୨ଟି ବସ୍ତାରେ ଥିବା ୩ଶହ କେଜି ଗଞ୍ଜେଇ ଜବତ କରାଯାଇଛି। ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇ ଯାଇଥିବା ଅବକାରୀ ପୋଲିସ ସୂଚନା ଦେଇଛି। ଟ୍ରକ୍‌ର ଉପରେ ସିମେଣ୍ଟ ବୋଝେଇ ହୋଇଥିବା ବେଳେ ତଳେ ଗଞ୍ଜେଇ ଥିବା ଜଣାପଡ଼ିଛି। ଉକ୍ତ ଗାଡ଼ି ଯାଞ୍ଚ ବେଳେ ସେଥିରୁ ୨୦୦ ବସ୍ତା ସିମେଣ୍ଟ, ୧୨ଟି ବସ୍ତାରେ ଥିବା ୩୦୦ କେଜି ଗଞ୍ଜେଇ ଜବତ କରାଯାଇଥିବା ଦକ୍ଷିଣାଞ୍ଚଳ ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏହି ଗଞ୍ଜେଇ ଫୁଲବାଣୀରୁ ବ୍ରହ୍ମପୁର ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଜବତ ଗଞ୍ଜେଇ, ସିମେଣ୍ଟ ଓ ଟ୍ରକ୍‌ର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପୋଲିସ ଏବେ ଜବତ ଟ୍ରକ୍ ନମ୍ବରକୁ ଟ୍ରାକିଂକରି ପ୍ରକୃତ ମାଲିକଙ୍କୁ ଧରିବାକୁ ଯୋଜନା କରୁଥିବା ଜଣାପଡିଛି। ପ୍ରକାଶ ଯେ, ବ୍ରହ୍ମପୁରକୁ ଏକ ଟ୍ରକ୍‌ରେ ଫୁଲବାଣୀରୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ଅବକାରୀ ଡେପୁଟି କମିଶନର, ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ଟିମ୍ ରବିବାର ଆସ୍କାରୋଡ୍ ଫାଷ୍ଟଗେଟ୍ ନିକଟରେ ଛକି ରହିଥିଲା। ଅବକାରୀ ଟିମ୍ ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଉକ୍ତ ଟ୍ରକ୍‌କୁ ଅଟକାଇଥିଲା। ଚାଳକ ଗାଡ଼ିରୁ ଡେଇଁ ସହର ଭିତରେ ପଶିଯାଇଥିଲେ। ପୋଲିସକୁ ଦେଖି ଟ୍ରକ୍ ଛାଡ଼ି ଚାଳକ ସେଠାରୁ ଚମ୍ପଟ ମାରିଥିଲେ। ପୋଲିସ ଉକ୍ତ ଟ୍ରକ୍‌ରେ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇଥିଲା।

## ଦୁର୍ଘଟଣାରେ ଆହତଙ୍କୁ ସହାୟତା କଲେ ମିଳିବ ୨ହଜାର

ଭଞ୍ଜନଗର,୧୯।୯(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁହାର ଗତବର୍ଷ ଅପେକ୍ଷା ଚଳିତ ବର୍ଷ ବଢ଼ିଛି । ବିଗତ କିଛିବର୍ଷ ହେବ ମଧ୍ୟ ଏହି ସମସ୍ୟା ଲାଗି ରହିଛି। ପ୍ରଶାସନ ଦୁର୍ଘଟଣାଜନିତ ମୃତ୍ୟୁହାରକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଉଛି । ତଥାପି ମୃତ୍ୟୁହାରକୁ କମାଇବାରେ ସଫଳ ହୋଇପାରୁନାହିଁ । ଇତିମଧ୍ୟରେ ରାଜ୍ୟ ସରକାର ରାଜ୍ୟରେ ଦୁର୍ଘଟଣାପରେ ଆହତମାନଙ୍କୁ ସହାୟତା କରିବା ପାଇଁ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ପ୍ରାୟ ୬ ହଜାର ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବା ଯୋଜନା ରଖିଛନ୍ତି। ତେଣୁ ବିଭିନ୍ନ ଜିଲାରେ ରକ୍ଷକ ଯୋଜନାରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହିଭଳି ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭଞ୍ଜନଗର ଓ ଦୁର୍ଗାପ୍ରସାଦରେ ସ୍ୱେଚ୍ଛାସେବୀମାନଙ୍କ ଉଦ୍ଦେଶ୍ୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣାପରେ ସ୍ୱେଚ୍ଛାସେବୀମାନେ ସୂଚନା ପାଇଲେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତବ୍ୟକ୍ତିଙ୍କୁ କିଭଳି ସାହାର୍ଯ୍ୟ କରିବେ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ କୌଣସି ବ୍ୟକ୍ତି ମେଡ଼ିକାଲକୁ ଆଣିଲେ ତାଙ୍କୁ ପରିବହନ ବିଭାଗ ପକ୍ଷରୁ ପୁରସ୍କାର ଭାବେ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଆହତମାନଙ୍କୁ ଦୁର୍ଘଟଣା ଘଟିବାର ଏକ ଘଣ୍ଟା ମଧ୍ୟରେ ମେଡ଼ିକାଲ ପହଞ୍ଚାଇବା ହେଉଛି ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି ଅତିଥିମାନେ କହିଥିଲେ। ଆଞ୍ଚଳିତ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଭଞ୍ଜନଗରରେ ଅନୁଷ୍ଠିତ ସଭାରେ ଘୁମୁସର ଘରୋଇ ବସ୍ ମାଲିକ ସଂଘ ସଭାପତି ତଥା ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ରେଡକ୍ରସ ଅଧିକାରୀ ଅଧାପକ ବି.ଗୋବିନ୍ଦ ରାଓ, ଜଗନ୍ନାଥପ୍ରସାଦ କଲେଜ ଅଧ୍ୟାପକ ଲୋକନାଥ ମହାନ୍ତି, ମାଣିତରା କଲେଜର ଅଧ୍ୟାପକ ଦିଲିପ ଆଚାର୍ଯ୍ୟ ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥି ସଭାକୁ ସଂଯୋଜନା କରିଥିଲେ। ଏହାପରେ ଦୁର୍ଗାପ୍ରସାଦଠାରେ ଆଉ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍‌ଭିଆଇ ଭାଗିରଥୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରରୁ ଖସିଲା ପଥର

ଖଲ୍ଲିକୋଟ,୧୯।୯(ଡି.ଏନ.ଏ.)

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ତଥା ବହୁ ପୁରାତନ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ପ୍ରତି ବିପଦ ଘନେଇଲା। ସୋମବାର ଭୋରରେ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଗୁମୁଟରୁ ଦୁଇଟି ସ୍ଥାନରୁ ପଥର ଖସି ତଳେ ପଡିଥିଲା। ପ୍ରାୟ ୩ ଶହ ବର୍ଷର ଏହି ପୁରାତନ ଜଗନ୍ନାଥ ମନ୍ଦିର ଅନନ୍ୟ କାରୁକାର୍ଯ୍ୟ ବିମଣ୍ଡିତ ଓ ଏହା ସମ୍ପୂର୍ଣ୍ଣ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମିତ ହୋଇଥିବାରୁ ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି ମଧ୍ୟ କୁହନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ମନ୍ଦିର ଏବେ ଭୁଶୁଡିବା ଅବସ୍ଥାକୁ ଚାଲି ଆସିଲାଣି। ମନ୍ଦିର ଉପରେ ବଡ଼ ବଡ଼ ଗଛ ଉଠିବା ସହ ସାମାନ୍ୟ ବର୍ଷା ହେଲେ ଗର୍ଭଗୃହ, ସିଂହାସନ, ସିଂହଦ୍ୱାର, ଚନ୍ଦନ ଅର୍ଗଳି ଆଦିରେ ପାଣି ଗଳୁଛି। ସମ୍ପୂର୍ଣ୍ଣ ପଥରରେ ନିର୍ମିତ ଏହି ମନ୍ଦିରରେ ପାଣି ଗଳି ସପୋର୍ଟିଂ ଲୁହା ଖାଇଯିବା ଦ୍ୱାରା ଦୁର୍ବଳ ହୋଇ ପଡ଼ିଲାଣି। ଯାହାଦ୍ୱାରା ବର୍ତ୍ତମାନ ପଥର


ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର

### ଅସୁରକ୍ଷିତ ଗୁମ୍ଫୁଟ, ଭକ୍ତଙ୍କ ମନରେ ଉଦବେଗ

ଖସିବା ଆରମ୍ଭ ହୋଇଗଲାଣି। ସୋମବାର ଭୋରରେ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଗୁମୁଟରୁ ପଥର ଖସିଥିବାରୁ କୌଣସି ଅଘଟଣ ଘଟି ନାହିଁ। ସବୁ ଦିନ ରାତିରେ ସେହି ସ୍ଥାନରେ ମନ୍ଦିର ପାଇକ କୁଞ୍ଜ ବାରିକ ଶୋଉଥିବା ବେଳେ ଗତ ରାତିରେ ସେଠାରେ ଶୋଇ ନଥିଲେ। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପଥରକୁ ପଥର ଯୋଡ଼େଇ ହୋଇ ମନ୍ଦିର ନିର୍ମାଣ ହୋଇଥିବା ବେଳେ ଗୋଟିଏ ପଥର ଖସିଲେ ଅନ୍ୟ ପଥର ଗୁଡିକ ପ୍ରତି ବିପଦ ସୃଷ୍ଟି ହେବା ସହ ଯେ କୌଣସି ସମୟରେ ମନ୍ଦିର ଭୁଶୁଡି ଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ରବିବାର ରାତ୍ରରେ ଘଡ଼ଘଡି ସହ ପ୍ରବଳ ବର୍ଷା ଯୋଗୁ ହୁଏତ ଖସିଥାଇପାରେ। ବଜ୍ରପାତ ଯୋଗୁ ସକଳେଶ୍ୱର ମନ୍ଦିରରେ ବିଦ୍ୟୁତ ସଂଯୋଗ ମଧ୍ୟ ପୋଡ଼ି ଯାଇଛି।